ନିତିଦିନ NITIDIN

## ଗାଡ଼ିଆରେ ପଡ଼ି ଶିଶୁ ମୃତ

**ବାଲକାଟି,୮।୧୧/ଏନ୍ଏନ୍ଏସ୍:** ବୁଧବାର ଦିନ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଟଙ୍କପାଣି ହରିଜନ ସାହି ମିଥୁନ ଭୋଇଙ୍କ ୨ବର୍ଷର ପୁଅ ଗ୍ରାମସ୍ଥିତ ଏକ ଗାଡ଼ିଆରେ ପଡ଼ି ପ୍ରାଣ ହରାଇଛି। ମିଥୁନଙ୍କ ପୁଅ ସୋନୁ କୁକୁଡ଼ା ଛୁଆମାନଙ୍କ ସହ ଖେଳୁଥିଲା। କୁକୁଡ଼ା ଛୁଆଙ୍କ ପଛରେ ଗୋଡ଼ାଉଥିବାବେଳେ ଅଜାଣତରେ ନିକଟସ୍ଥ ଗାଡ଼ିଆ ଭିତରେ ପଡ଼ିଯାଇଥିଲା। ପରିବାର ଲୋକେ ପୁଅକୁ ନଦେଖି ଖୋଜାଖୋଜି କରି ପଡ଼ୋଶୀଙ୍କ ସୂଚନାନୁସାରେ ଗାଡ଼ିଆରେ ଦୀର୍ଘସମୟ ଖୋଜିବା ପରେ ଶବ ମିଳିଥିଲା। ପୁଲିସ ଶବ କ୍ୟାପିଟାଲ ହସପିଟାଲକୁ ପଠାଇ ବ୍ୟବଚ୍ଛେଦ କରାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



### ସୁପ୍ରିମକୋର୍ଟଙ୍କ ଦୀପାବଳି ନିର୍ଦ୍ଦେଶ ଉଲ୍ଲଙ୍ଘନ

# ୫୫୦ ମାମଲା ରୁଜୁ, ୩୦୦ରୁ ଅଧିକ ଗିରଫ

**ନୂଆଦିଲ୍ଲୀ,୮।୧୧/ଏଜେନ୍ସି:** ସୁପ୍ରିମକୋର୍ଟଙ୍କ ବାଣଫୁଟା କଟକଣା ଉଲ୍ଲଙ୍ଘନ ଅଭିଯୋଗରେ ନୂଆଦିଲ୍ଲୀ ପୁଲିସ ୫୫୦ରୁ ଅଧିକ ମାମଲା ରୁଜୁ କରିବା ସହିତ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରିଛି। ନୂଆଦିଲ୍ଲୀର ବିଭିନ୍ନ ଇଲାକାରୁ ପୁଲିସ ୨,୭୭୬ କିଲୋ ବାଣ ଜବତ କରିବା ସହ ୭୨ ବେଆଇନ ବାଣ ବେପାରିଙ୍କୁ ଗିରଫ କରିଛି। ଦିଲ୍ଲୀ ପୁଲିସ ସୂଚନା ଅନୁସାରେ ଆଇପିସି ଧାରା ୧୮୮ (ନିର୍ଦ୍ଦେଶନାମା ଅବମାନନା) ଆଧାରରେ ପ୍ରାୟ ୫୬୨ ମାମଲା ରୁଜୁ କରାଯାଇ ୩୧୦ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଲୋକଙ୍କୁ ପରେ ଜାମିନରେ ଛାଡ଼ି ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ଆଦେଶ ଉଲ୍ଲଙ୍ଘନ ଅଭିଯୋଗରେ ପୁଲିସ ୨୪ ଜଣ ନାବାଳକଙ୍କୁ ମଧ୍ୟ ଗିରଫ କରିଥିଲା। ଦୀପାବଳି ସମେତ ଅନ୍ୟାନ୍ୟ ଉତ୍ସବରେ ରାତି ୮ଟାରୁ ୧୦ଟା ମଧ୍ୟରେ ବାଣ ଫୁଟାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ। ତା' ସହିତ କେବଳ ପରିବେଶକୁ ସୁହାଉଥିବା ବାଣ ଫୁଟାଇବାକୁ ଆଦେଶ ଦିଆଯାଇଥିଲା। ବିଶେଷ କରି କମ୍ ଆଲୋକ, ମୃଦୁ ଶବ୍ଦ ଓ କମ୍ ମାରାତ୍ମକ ରାସାୟନିକ ପ୍ରୟୋଗ କରାଯାଇଥିବା ବାଣ ଫୁଟାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାନଫଟା ଶବ୍ଦ ସୃଷ୍ଟି କରୁଥିବା ବାଣ ବିକ୍ରି ଉପରେ ନିଷେଧାଦେଶ ଜାରି କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଆଦେଶ କଡ଼ାକଡ଼ି ପାଳନ କରିବାକୁ ପୁଲିସକୁ ଆଦେଶ ଦିଆଯାଇଥିଲା।

# ମୁଁ ହିରୋ ମୁଁ ଓଡ଼ିଶା ପ୍ରସ୍ତୁତି ବୈଠକ

**ଫୁଲନଖରା, ୮।୧୧/ଏନ୍ଏନ୍ଏସ୍ :** ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗପଧାନ ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ସଭାରେ ସରକାରୀ ଆଇନଜୀବୀ କବିନାରାୟଣ ଜେନା, ସମିତି ସଦସ୍ୟା ପୂର୍ଣ୍ଣିମା ପାତ୍ର, କଟକ ସଦର ପ୍ରେସ କ୍ଲବ୍ ସଭାପତି ସୁରେନ୍ଦ୍ର ମହାପାତ୍ର, ସଂଗଠକ ଲଳିତ କୁମାର ଦାଶ, ଯୁବବାହିନୀ କଟକ ଜିଲ୍ଲା କ୍ରୀଡ଼ା ଓ ସାଂସ୍କୃତିକ ପ୍ରମୁଖ ସରୋଜ କୁମାର ସ୍ୱାଇଁ, ସମାଜସେବୀ ବିଭୂତି ଭୂଷଣ ଜେନା, ସାମ୍ବାଦିକ ଅଜୟ କୁମାର ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ଯୁବବାହିନୀର ଲକ୍ଷ୍ୟ ଓ କାର୍ଯ୍ୟ ଖସଡ଼ା ବାବଦରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାରଙ୍ଗ ବ୍ଲକ ସଂଯୋଜକ ବିଶ୍ୱଜିତ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଯୁବ ବାହିନୀର କୁରାଙ୍ଗପଧାନ ପଞ୍ଚାୟତ ସଭାପତି ମହମ୍ମଦ ଇସ୍ତିଆକ ଅଲ୍ଲୀ, ଶେଖ ଜାହିର ହୁସେନ, ତବ୍ରାଜ ଖାଁ, ମହମ୍ମଦ ଜିଲାନି, ମହମ୍ମଦ ଜୁନୈଦ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଯୁବ ପ୍ରତିଭାଙ୍କୁ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ନଗରୀ ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଶଶିଭୂଷଣ ଦାଶଙ୍କୁ ବାରଙ୍ଗ ବ୍ଲକ୍ ୩୩ ନମ୍ବର ଜୋନ ବିଜୁ ଯୁବବାହିନୀ ପର୍ଯ୍ୟବେକ୍ଷକ ଭାବେ ଘୋଷଣା କରାଯାଇଥିଲା।




## ଅଟୋ ଓ ବାଇକ୍ ମଧ୍ୟରେ ଧକ୍କା, ୧ମୃତ

**ନୟାହାଟ,ଚାରିଛକ, ୮।୧୧/ଏନ୍ଏନ୍ଏସ୍:** ଗତକାଲି ବିଳମ୍ବିତ ରାତିରେ କାକଟପୁର-ଚାରିଛକ ମୁଖ୍ୟ ରାସ୍ତାର ଯୋଗେଶ୍ୱରପୁର ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ହୋଇଛି। ବାହାରଣା ପଞ୍ଚାୟତ ବାଇଦପଡ଼ା ଗ୍ରାମର ବବୁଲ ସାହୁ(୨୭) ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଏକ ଅଟୋ ସହ ଧକ୍କା ହୋଇଥିଲା। ରାସ୍ତା ଉପରେ ସେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ନୟାହାଟ ପୁଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

## 'ସେନା ପ୍ରତି ସରକାର ସଚେତନ ଅଛନ୍ତି'

**ନୂଆଦିଲ୍ଲୀ,୮।୧୧/ପିଟି:** ଚୀନ ସୀମାନ୍ତ ଉତ୍ତରାଖଣ୍ଡ ସୀମା ଆଉଟ୍‌ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେନା ଓ ଆଇଟିବିପି ଯବାନଙ୍କ ସହ ଦୀପାବଳି ଉତ୍ସବ ପାଳନ କରିଛନ୍ତି। ଏହି ଅବସରରେ ମୋଦୀ କହିଛନ୍ତି, ଭାରତ ନିରବଚ୍ଛିନ୍ନ ଭାବେ ଦେଶର ପ୍ରତିରକ୍ଷାକୁ ସୁଦୃଢ଼ କରିବାରେ ଲାଗିଛି। ଏଥିସହ ଯବାନମାନଙ୍କର କଲ୍ୟାଣ ପାଇଁ ସରକାର ବିଶେଷ ଧ୍ୟାନ ଦେଇ କାର୍ଯ୍ୟ କରୁଛନ୍ତି। ଭାରତ-ଚୀନ ସୀମାଠାରୁ ୪୫ କିଲୋମିଟର ଦୂର ହର୍ଷିଲଠାରେ ଯବାନଙ୍କ ସହ ଉତ୍ସବ ମନାଇବା ବେଳେ ମୋଦୀ କହିଛନ୍ତି, ସ୍ଥଳସେନା, ନୌସେନା ଏବଂ ବାୟୁସେନାର କଲ୍ୟାଣକୁ ଧ୍ୟାନ ଦିଆଯିବା ସହ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଣ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ଆଣବିକ ଅସ୍ତ୍ର କ୍ଷେତ୍ରରେ ମଧ୍ୟ ଭାରତ ବିଶେଷ ଦକ୍ଷତା ହାସଲ କରିଛି। ସ୍ଥଳ, ଆକାଶ ଓ ସମୁଦ୍ର ମଧ୍ୟରୁ କ୍ଷେପଣାସ୍ତ୍ର ପ୍ରୟୋଗରେ ଭାରତ ଶକ୍ତିଶାଳୀ ହୋଇପାରିଛି। ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ 'ଗୋଟିଏ ପଦବୀ, ଗୋଟିଏ ପେନ୍‌ସନ୍ (ଓଆରଓପି)' ସମ୍ପର୍କରେ ଉଲ୍ଲେଖ କରି ମୋଦୀ କହିଲେ, ବିଜେପି ସରକାର ୪୫ ବର୍ଷର ଏହି ଦାବି ପୂରଣ କରିଛି। ସେ କହିଛନ୍ତି, 'ବହୁବର୍ଷ ତଳେ ମୁଁ ହିମାଚଳ ପ୍ରଦେଶ ଯାଇଥିବାବେଳେ ଅବସରପ୍ରାପ୍ତ ଯବାନଙ୍କ ଏହି ଅସୁବିଧା ସମ୍ପର୍କରେ ପ୍ରଥମେ ଶୁଣିବାକୁ ପାଇଲି। ପ୍ରଧାନମନ୍ତ୍ରୀ ହେବାପରେ ଓଆରଓପି ତୁରନ୍ତ ଲାଗୁ କରିବାକୁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଗଲା। ଜଣାପଡ଼ିଲା ଯେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଏହି ପୁରୁଣା ଦାବି ପୂରଣ କରିବାକୁ ହେଲେ ବକେୟା ଭାବେ ୧୨,୦୦୦ କୋଟି ଟଙ୍କା ଦେବାକୁ ପଡ଼ିବ। ବର୍ତ୍ତମାନ ସୁଦ୍ଧା ୧୧,୦୦୦ କୋଟି ଟଙ୍କା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଦିଆଗଲାଣି। ମୋଦୀ କହିଲେ, ଅଶୀ ଦଶକରେ ସେ ଯେତେବେଳେ କୈଳାସ ମାନସରୋବର ଯାତ୍ରାରେ ବାହାରିଲେ, ଆଇଟିବିପି ଯବାନମାନେ ସେତେବେଳେ ତୀର୍ଥଯାତ୍ରୀମାନଙ୍କୁ ଉଲ୍ଲେଖନୀୟ ସାହାଯ୍ୟ ଓ ସହାୟତା କରିବା ଦେଖିଥିଲେ।

## ଜଙ୍ଗଲରୁ ଶିକ୍ଷକଙ୍କ ଗଳିତ ଶବ ଉଦ୍ଧାର

**ଖୁଣ୍ଟୁଣୀ, ୮।୧୧/ଏନ୍ଏନ୍ଏସ୍:** ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଞ୍ଜେଶ୍ୱର ପଞ୍ଚାୟତର ବ୍ରାହ୍ମଣବସ୍ତ ଗ୍ରାମର ପୂର୍ବତନ ଶିକ୍ଷକ ଚନ୍ଦ୍ରମଣି ମହାନ୍ତି ଗତ ଅକ୍ଟୋବର ୨୭ ତାରିଖ ଅପରାହ୍ଣ ୫ଟାରୁ ନିଖୋଜ ଥିବାବେଳେ ଆଜି ତାଙ୍କ ଗଳିତ ଶବ ଉଦ୍ଧାର କରାଯାଇଛି।

ଘର ଲୋକ ଓ ସମ୍ପର୍କୀୟ ଲୋକଙ୍କ ବହୁ ଖୋଜାଖୋଜି ପରେ କୌଣସି ଖବର ନମିଳିବାରୁ ଗୁରୁଡ଼ିଝାଟିଆ ଥାନାରେ ନିଖୋଜ ମାମଲା ରୁଜୁ କରାଯାଇଥିଲା। ନିଖୋଜ ହେବାର ପ୍ରାୟ ୧୨ ଦିନ ପରେ ଆଜି ବ୍ରାହ୍ମଣବସ୍ତ ସଂରକ୍ଷଣ ଜଙ୍ଗଲକୁ କିଛି ଲୋକ କାଠ ଆଣିବାକୁ ଯିବା ସମୟରେ ନିଖୋଜ ବ୍ୟକ୍ତିଙ୍କର ଲୁଙ୍ଗି, ଗାମୁଛା, ଚପଲ ଓ ଗଞ୍ଜି ପଡ଼ିଥିବାର ଦେଖି ଗାଁରେ ଜଣାଇବା ସହିତ ନିଖୋଜ ବ୍ୟକ୍ତିଙ୍କ ଘରେ ଜଣାଇଥିଲେ।

ଏହାପରେ ଗ୍ରାମବାସୀ ଓ ଘର ଲୋକେ ସେଠାରେ ପହଞ୍ଚି ଉକ୍ତ ଜିନିଷଗୁଡ଼ିକ ଚନ୍ଦ୍ରମଣିଙ୍କର ବୋଲି କହିଥିଲେ ଓ ଜଙ୍ଗଲ ଭିତରେ କିଛିଦୂର ଯିବାପରେ ନିଖୋଜ ବ୍ୟକ୍ତିଙ୍କର ଖଣ୍ଡବିଖଣ୍ଡିତ ଶବ ଦେଖି ଘର ଲୋକେ ଗୁରୁଡ଼ିଝାଟିଆ ଥାନାକୁ ଖବର ଦେଇଥିଲେ।

ପରେ ଗୁରୁଡ଼ିଝାଟିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବାବେଳେ ସେଠାରୁ ବିଷ ଔଷଧ ଓ ଦୁଇଟି ବଟିକା ମିଳିଛି ବୋଲି ଗୁରୁଡ଼ିଝାଟିଆ ଆଇଆଇସି ଗଣମାଧ୍ୟମରେ ପ୍ରକାଶ କରିବା ସହ ଏକ ଅପମୃତ୍ୟୁ ମାମଲା ନଂ ୪/୧୮ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିବାର ସୂଚନା ଦେଇଥିଲେ।

## ୧୦୦ ଶଯ୍ୟା ବିଶିଷ୍ଟ ଆବାସିକ ଗୃହ ଉଦ୍‌ଘାଟିତ




**ଚାରିଛକ,୮।୧୧/ଏନ୍ଏନ୍ଏସ୍:** କଳାପାଞ୍ଚଣ ପଞ୍ଚାୟତ ନିକଟସ୍ଥ ଗଡ଼ଇଟାପୋଖରୀସ୍ଥିତ ଆଶ୍ରମ ସ୍କୁଲରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଆବାସିକ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ଆବାସିକ ଗୃହକୁ ସ୍ଥାନୀୟ ବିଧାୟକ ତଥା ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ ଉଦ୍‌ଘାଟିତ କରିଛନ୍ତି। ତେବେ ଉକ୍ତ ଗୃହ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ସ୍କୁଲ ପରିଚାଳନା କମିଟିର ସଭାପତି ପ୍ରମୋଦ ପାତ୍ର, ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ଅଜୟ କୁମାର ନାୟକ, ଅଶୋକ କୁମାର ସାହୁ, ସୁବାଷ ଚନ୍ଦ୍ର ଜେନାଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଝାଡ଼ାବାନ୍ତିରେ ୬୨ ଜଣ ଆକ୍ରାନ୍ତ

**ଶରଣକୁଳ,୮।୧୧/ଏନ୍ଏନ୍ଏସ୍:** ଶରଣକୁଳ ଥାନା ଅନ୍ତର୍ଗତ ୮ ଟି ଗ୍ରାମରେ ୨ ଦିନ ମଧ୍ୟରେ ପ୍ରାୟ ୭୦ରୁ ଅଧିକ ଲୋକ ଝାଡ଼ାବାନ୍ତି ଓ ପେଟମରା ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଗୋଡ଼ିପଡ଼ା, ଶରଣକୁଳ ଓ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୬୨ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

ରୋଗୀମାନେ ଦେଇଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ଣରେ ଗ୍ରାମକୁ ଆସୁଥିବା ଜଣୈକ ଦହିବରା ଆଳୁ ବିକାଳୀଠାରୁ କିଛି ଲୋକ ଖାଦ୍ୟ ଖାଇଥିଲେ। ପ୍ରାୟ ୪ ଘଣ୍ଟା ପରେ ସେମାନଙ୍କ ପେଟମୋଡ଼ି ହେବାସହ ଝାଡ଼ାବାନ୍ତି ଲାଗିରହି ଥିଲା। ଅବସ୍ଥା ଗୁରୁତର ହେବାରୁ ଭାଲିଆଡିହିର ଡଲି ବାରିକ (୨୬), ଜାମୁସାହିର ସଂଗ୍ରାମ ପରିଡ଼ା (୧୩), ସୌମ୍ୟରଞ୍ଜନ ଜେନା (୧୧), ଇତିଶ୍ରୀ ଜେନା (୧୪), ଦୀପକ କୁମାର ଜେନା (୧୪), ମଝିଆଖଣ୍ଡ ଗ୍ରାମର ପ୍ରିୟମ୍ବଦା ପ୍ରିୟଦର୍ଶିନୀ (୯), ମାମାଲି ସେଠୀ (୫),ଅଶାନ୍ତି ସେଠୀ (୩୦), ପଞ୍ଚୁମୁ ଗ୍ରାମର ଶୁଭଶ୍ରୀ ଡ଼ାକୁଆ (୧୨), ସାନୁ ମୁଦୁଲି (୯), ବିପିନ ବେହେରା (୧୧), ମାନପୁର ଗ୍ରାମର ବିଭୂତି ନାୟକ (୪୦), ଶୁଭମ ନାୟକ (୧୫), ରାମ ପ୍ରଧାନ (୩୮), ନବିନ ସାହୁ (୫୦), ମାନସ ସାହୁ (୨୬) ପ୍ରମୁଖ ଚିକିତ୍ସିତ ହେଉଛନ୍ତି।

ଗୁରୁବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନେତୃତ୍ୱରେ ଏକଦଳ ଏହି ଆଠ ଗୋଟି ଗ୍ରାମକୁ ଯାଇ ସ୍ଥାନୀୟ ଅଞ୍ଚଳର ଜଳ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶକୁ ପରୀକ୍ଷା କରି କୂଅ ସଫା କରି ବ୍ଲିଚିଂ ପକାଇବା ସହ ଔଷଧ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧ ଯବାନଙ୍କ...

ଏକ ସାଧାରଣ ସଭାରେ ଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ ମଧ୍ୟ ଶୁକ୍ରବାର ଓ ଶନିବାର ଏହି ଅଞ୍ଚଳରେ ଦୁଇଟି ସମାବେଶ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ତା' ପୂର୍ବରୁ ମାଓବାଦୀଙ୍କର ଏପରି କାଣ୍ଡ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସେମାନଙ୍କ ଶକ୍ତି ଓ ସଂଗଠନ ନେଇ ଏକ ଚେତାବନୀ ବୋଲି କୁହାଯାଉଛି।

### ଛତିଶଗଡ଼ ସୀମା...

ଛତିଶଗଡ଼ର ସୀମାକୁ ଲାଗିଥିବା ୮ଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଜିଲ୍ଲାପାଳମାନଙ୍କ ନିକଟକୁ ଲିଖିତ ନିର୍ଦ୍ଦେଶନାମା ପଠାଇ ତୁରନ୍ତ ସୀମା ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ଛତିଶଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନ କାଳରେ ସୀମାନ୍ତ ଅଞ୍ଚଳ ଦେଇ ମଦ ଓ କଳାଟଙ୍କା ପ୍ରଭୃତି ଯେପରି ଚାଲାଣ ହୋଇ ନପାରିବ, ସେଥିପ୍ରତି ମଧ୍ୟ ସଜାଗ ରହିବାକୁ କୁହାଯାଇଛି।

### ଯଶୋଦା ଜଣଙ୍କୁ...

ଗ୍ରାମବାସୀ ମାନେ ଘଟଣାସ୍ଥଳକୁ ଯିବା ପରେ ଜାଣିବାକୁ ପାଇଥିଲେ ଯେ, ହାତୀ ମାରିଥିବା ବ୍ୟକ୍ତି ମାହୁନ୍ତ ନୁହେଁ ତାଙ୍କ ଗ୍ରାମର ସୁଦର୍ଶନ। ଫଳରେ ଶହ ଶହ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ସହ ପୁରୁଣାକୋଟ ବନବିଭାଗ ଅଫିସ ସମ୍ମୁଖରେ କ୍ଷତିପୂରଣ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଜଙ୍ଗଲ ବିଭାଗ ପକ୍ଷରୁ ସୁଦର୍ଶନଙ୍କ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ୪୦ ହଜାର ଟଙ୍କା ଏବଂ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ଯଶୋଦା କାହିଁକି ଏଭଳି ହିଂସ୍ର ହେଲା ଏବଂ ମଣିଷକୁ ମାରିଲା, ତା'ର ତଦନ୍ତ କରାଯିବ ବୋଲି ବନବିଭାଗ ଅଧିକାରୀମାନେ କହିଛନ୍ତି।

### ଦଳରେ ଦୁଇ...

୧୬ରେ ଅନୁଷ୍ଠିତ ହେବ। ମନୋନୀତ ଦଳ: ପିଆର ଶ୍ରୀଜେଶ, କ୍ରୀଷନ ବାହାଦୁର ପାଠକ (ଗୋଲକିପର), ହରମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, କୋଠାଜିତ ସିଂ, ସୁରେନ୍ଦ୍ର କୁମାର, ଅମିତ ରୋହିଦାସ (ଡିଫେଣ୍ଡର), ମନ୍‌ପ୍ରୀତ ସିଂ (ଅଧିନାୟକ), ଚିଙ୍ଗ୍‌ଲେନ୍‌ସନା ସିଂ (ଉପଅଧିନାୟକ), ନୀଳକଣ୍ଠ ଶର୍ମା, ହାର୍ଦ୍ଦିକ ସିଂ, ସୁମିତ (ମିଡଫିଲ୍ଡର), ଆକାଶଦୀପ ସିଂ, ମନଦୀପ ସିଂ, ଦୀଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ, ସିମରନଜିତ ସିଂ (ଫରୱାର୍ଡ)।

### ୧୧ରୁ ଓଡ଼ିଶା...

ଏକୀକରଣ ଚମତ୍କାରିତା ଦେଖାଇବ। ଓଡ଼ିଶା ନିର୍ମାଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ପାଇଁ କନକ୍ଲେଭକୁ ଏକ ଅନନ୍ୟ ପ୍ଲାଟଫର୍ମ ଭାବେ ଡିଜାଇନ କରାଯାଇଛି। ଏହି ପ୍ୟାଭିଲିୟନଗୁଡ଼ିକୁ ମହାନଦୀ, ଋଷିକୁଲ୍ୟା, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଓ ବୈତରଣୀ ଆଦି ନଦୀ ନାମରେ ନାମିତ କରାଯାଇଛି। କନକ୍ଲେଭର ମୁଖ୍ୟ ଆକର୍ଷଣ ହେବ 'ଦେଉମାଳି' ନାମକ ଓଡ଼ିଶା ଥିମ୍ ପାଭିଲିୟନ, ଯେଉଁଥିରେ ଗମ୍ବୁଜରେ ବିଭିନ୍ନ ସମ୍ଭାବନାକୁ ପ୍ରଦର୍ଶନ କରାଯିବ। ଭାରତରେ ପ୍ରଥମଥର ପାଇଁ ଏହି ଗମ୍ବୁଜ ନିର୍ମାଣ କରାଯାଇଛି। କନକ୍ଲେଭ ଅବସରରେ ପ୍ରଥମଥର ପାଇଁ ରାଜ୍ୟରେ ଓଡ଼ିଶା ସିଏସଆର ପୁରସ୍କାର ପ୍ରଦାନ କରାଯିବା ସହ ସ୍ମାର୍ଟ ଓଡ଼ିଶା ହାକାଥନ୍ ଆୟୋଜନ ହେବ। ନଭେମ୍ବର ୧୨ରେ ୩ଟି କମ୍ପାନୀକୁ ଶ୍ରେଷ୍ଠ ଷ୍ଟଲ ପୁରସ୍କାର ପ୍ରଦାନ କରାଯିବ। ଯେହେତୁ ଜାପାନ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୧୮ର ପାର୍ଟନର୍ ରହିଛି, ତେଣୁ ଏହି କନ୍‌କ୍ଲେଭରେ ଜାପାନଭିତ୍ତିକ କମ୍ପାନୀଗୁଡ଼ିକ ପାଇଁ ଏକ ସମର୍ପିତ ଅଧିବେଶନ ରହିଛି। ରାଜ୍ୟରେ ପ୍ରଥମଥର ପାଇଁ ସ୍ମାର୍ଟ ଓଡ଼ିଶା ହାକାଥନ୍ ଆୟୋଜନ ହେବ। ଏଥିପାଇଁ ୨୯୩ ଜଣ ବିଦ୍ୟାର୍ଥୀ ଚୟନ ହୋଇଛନ୍ତି। ୩୬ ଘଣ୍ଟିଆ ଓଡ଼ିଶା ସ୍ମାର୍ଟ ହାକାଥନର ବିଜେତାଙ୍କୁ ନଭେମ୍ବର ୧୫ରେ ପୁରସ୍କୃତ କରାଯିବ।

### ସୁନ୍ଦରୀ ଯିବନି...

ବେଆଇନ। କେବଳ ପ୍ରଜନନ ପାଇଁ ଚିଡ଼ିଆଖାନାରେ ବଣୁଆ ଜନ୍ତୁଙ୍କୁ ଅଣାଯାଇପାରିବ। ସୂଚନା ଅନୁଯାୟୀ, ବାଘୁଣୀ ସୁନ୍ଦରୀକୁ ବଂଶବୃଦ୍ଧି ପାଇଁ ବାନ୍ଧବଗଡ଼ରୁ ଅଣାଯାଇଥିଲା। ବାଘୁଣୀଟି ଅଭୟାରଣ୍ୟ ନିକଟସ୍ଥ ଜନବସତି ପାଖାପାଖି ରହି ଲୋକଙ୍କୁ ବାରମ୍ବାର ଆକ୍ରମଣ କରିବାରୁ ବନବିଭାଗ ତାକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଥିଲା। ବର୍ତ୍ତମାନ ସୁନ୍ଦରୀକୁ ଏକ ସ୍ୱତନ୍ତ୍ର ଏନକ୍ଲୋଜରରେ ରଖାଯାଇଛି। ସେଠାରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

### କନ୍‌ଭେୟର ବେଲ୍ଟରେ...

ପ୍ରଦାନ କରିବାକୁ ଦାବି କରିଥିଲେ। ଜିଏମ୍ ଅପରେସନକୁ ତୁରନ୍ତ ଏଠାରୁ ବଦଳି କରିବାକୁ ସେମାନେ ଅଡ଼ି ବସିଥିଲେ। କୋଇଲାଖଣିରେ ଅନେକ କର୍ମଚାରୀ ବୁଲିବାଲି ଉପସ୍ଥାନ ପକାଇ ଦରମା ନେଇ ଯାଉଥିବା ବେଳେ କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥାନରେ କର୍ମଚାରୀ ଯୋଗାଉନଥିବା ଅଭିଯୋଗ ହେଉଛି।

## ଦୀପାବଳିରେ ବାଣ ଫୁଟାଇ ଅଘଟଣ

**ବାଲକାଟି, ୮।୧୧/ଏନ୍ଏନ୍ଏସ୍:** ବୁଧବାର ଦୀପାବଳି ପାଳନ କରୁଥିବାବେଳେ କିଛି ଲୋକ ବାଣ ଫୁଟାଇ ଗୁରୁତର ଆହତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ସୂଚନା ଅନୁସାରେ ବାଲିଅନ୍ତା ଥାନା ଅନ୍ତର୍ଗତ ନାଗପୁର ଗ୍ରାମର ଲିପୁ ବେହେରା (୨୫), ବାଲକାଟୀର ପ୍ରଭାତ ମାଣିକ (୧୫), କୁନାଲ ମହାରଣା (୧୦), ସୁରେଶ ବେହେରା (୪୦), ପୂଜା ଶାସନ (ପିପିଲି), ଶୁଭାସିନୀ ମହାପାତ୍ର (୧୫), ପିପିଲି ଥାନା ଅନ୍ତର୍ଗତ ମନୋଜ ମହାପାତ୍ର (୨୦), ବସନ୍ତ ମଲ୍ଲିକ (୨୫) ଓ ସରକଣାର ସୁଶାନ୍ତ ସାମନ୍ତରାଏ (୪୬), ଏମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍‌ପିଟାଲକୁ ନିଆଯାଇଥିବା ବେଳେ ଆଉ ୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା କରି ଘରକୁ ଛାଡ଼ି ଦିଆଯାଇଛି।

## ଶିକ୍ଷାନୁଷ୍ଠାନରେ ନୈତିକ ଶିକ୍ଷା

**ବାଲିଅନ୍ତା,୮।୧୧/ଏନ୍ଏନ୍ଏସ୍:** ନହରକଣ୍ଟା ସରସ୍ୱତୀ ଶିକ୍ଷା ମନ୍ଦିରରେ ନୈତିକ ଶିକ୍ଷା ଓ ଆମ ସଂସ୍କୃତି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତିବନ୍ଧୁ ସୁରେନ୍ଦ୍ରନାଥ ଛୋଟରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୈତିକ ଶିକ୍ଷାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇବା ସହିତ ଏହାକୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପ୍ରଚଳନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପଣ୍ଡିତ ସୁଶୀଲ କୁମାର ରଥ, ପ୍ରଭାସିନୀ ମହାନ୍ତି, ସସ୍ମିତା ଓଝା, ଲିପିକା ବେହେରା, ଲକ୍ଷ୍ମୀପ୍ରିୟା ସାହୁ ଏବଂ ମମତା ସାମଲ ପ୍ରମୁଖ ଗୁରୁମା ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତି ମାସରେ ଏପରି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ପ୍ରତିଷ୍ଠାତା ଶ୍ରୀ ଖୁଣ୍ଟିଆ ଘୋଷଣା କରିଥିଲେ।

## ଟ୍ରକ୍ ଧକ୍କାରେ ଯୁବକ ମୃତ

**ଫୁଲନଖରା, ୮।୧୧/ଏନ୍ଏନ୍ଏସ୍:** ୧୬ ନମ୍ବର ଜାତୀୟ ରାଜପଥର ବାଲିକୁଦାଠାରେ ଟ୍ରକ ଧକ୍କାରେ ପ୍ରତାପନଗରୀ ଗ୍ରାମର ସାଗର ସେନାପତି (୨୨)ଙ୍କ ମୃତ୍ୟୁ ହୋଇଛି। ସାଗର ବାଇକ୍‌ରେ କଟକ ଯାଉଥିଲାବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ଫୁଲନଖରା ଆଡ଼କୁ ପଳାଇ ଯାଇଥିଲା। ସାଗରଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ମେଡ଼ିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାଯୋଗ୍ୟ, ଆଜି ମୃତ ସାଗରଙ୍କର ଜନ୍ମଦିନ ଥିଲା। ଗତ ଏକମାସ ପୂର୍ବେ କୁଟୁମ୍ବରେ ଜଣକର ଏବଂ ୬ ମାସ ପୂର୍ବେ ଆଉ ଜଣକର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା।

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

Tender Notice for "PROCUREMENT OF ENERGY METER WITH PILFER PROOF METER BOX 230 V 50 HZ, 5-30AMP"
Tender No. : 004/520/1850000008/01/01 Dtd. 05.11.2018
Last date & time of Tender submission : 4.00 P.M.on Dtd. 26.11.2018

Corrigendum to Tender Notice for "APH BASKETS FOR HP BOILER # 5/ 6"
Tender No. 003/287/1802001246/01/01/500005852 Dtd. 10.09.2018
Last date & time of Tender Submission: 04.00 PM on Dtd. 22.11.2018

Corrigendum to Tender Notice for "CAST GRID HEATING ELEMENTS FOR TA AND DECARB LINE ELECTRIC FURNACES".
Tender No. 003/364/1802000021/01/00/500005824 Dtd. 03.09.2018
Last date & time of Tender Submission: 04.00 PM on Dtd. 22.11.2018

Tender Notice for "SUPPLY AND COMMISSIONING OF 132 KV CABLE ACCESSORIES"
Tender No. : 004/383/1850000172/01/00 Dtd. 03.11.2018
Last date & time of Tender submission : 4.00 P.M.on Dtd. 19.11.2018

Tender Notice for "CALIBERATION OF TEST HOUSE MACHINES."
Tender No: 021/635/1882000833/01/00/500005924, Dtd. 01.11.2018
Last Date & Time of Tender Submission: 04:00 PM on Dtd. 15.11.2018

Corrigendum To Tender Notice for "ROUND THE CLOCK MECH. ELECT. & MAINT. OF OVEN MACHINE IN COB#1 &3."
Tender No: 021/240/1882000231/01/00/500005742, Dtd. 03.08.2018
Extended Last Dt. & Time of Tender Submission:4:00PM on Dtd. 14.11.2018

For details & downloadable tender document log on to our SAIL Website https:// www.sailtenders.co.in(unit RSP, Category'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ଟ୍ରେନ୍‌ରୁ ଖସି ଯୁବକ ମୃତ

**କୋରେଇ,୮।୧୧/ଏନ୍ଏନ୍ଏସ୍:** ଯାଜପୁର-କେନ୍ଦୁଝର ରେଲୱେ ଷ୍ଟେସନ ଜିଆରପି ଥାନା ଅଧୀନସ୍ଥ ଆସୁଥିବା ବ୍ରାହ୍ମଣୀ ବ୍ରିଜ୍ ନିକଟରେ ସାନ୍ତରାଗାଛି ଟ୍ରେନରୁ ଖସି ଆଜି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଟାଉନଥାନା ଅର୍ନ୍ତଗତ ମାଧବନଗର ବାଘୁରାଇ ଗ୍ରାମର ସୁଖଦେବ ସେଠୀଙ୍କ ପୁଅ ଅକ୍ଷୟ ସେଠି(୫୦)। ସୂଚନା ଅନୁଯାୟୀ ଆଜି ଗୋଟାଏ ସମୟରେ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଟ୍ରେନରୁ ଖସି ପଡିଥିଲେ। ଜିଆରପି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ ସେ ଭଦ୍ରକରୁ ଭୁବନେଶ୍ୱର ଯାଉଥିଲେ। ଶବ ବ୍ୟଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୁଲିସ କହିଛି।

## ଛତାବାଣ ଖସି ୩ ବଖରା ଜଳିଗଲା

**ପାରାଦୀପ,୮।୧୧/ଏନ୍ଏନ୍ଏସ୍:** ଗତକାଲି ଦୀବପାବଳି ଉପଲକ୍ଷେ ବାଣ ଫୁଟାବେଳେ ପାରାଦୀପ ସହରରେ ଅଭାବନୀୟ ଘଟଣା ଘଟିଛି। ଭଞ୍ଜଜ କଲୋନୀରେ ପଞ୍ଚାନନ ପଲେଇଙ୍କ ଘର ଉପରେ ଏକ ଛତାବାଣ ଖସି ପଡ଼ିବାରୁ ଘରେ ନିଆଁ ଲାଗି ଯାଇଥିଲା। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରି ନେଇଥିଲେ। ତେବେ ନିଆଁ ଲାଗିବା ପରେ ଘର ଭିତରୁ କୌଣସି ସାମଗ୍ରୀ ଉଦ୍ଧାର କରିବା ସମ୍ଭବ ନହେବାରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି।

ଆନ୍ଧ୍ର ବ୍ୟାଙ୍କ (ଭାରତ ସରକାରଙ୍କ ଏକ ଉପକ୍ରମ)
ଆଞ୍ଚଳିକ କାର୍ଯ୍ୟାଳୟ: ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ୍ ସ୍କୋୟାର, ବ୍ରହ୍ମପୁର-୭୬୦୦୦୪, ଫୋନ୍: ୦୬୮୦-୨୨୨୫୨୭୨

ଦଖଲ ନୋଟିସ୍
{ସିକ୍ୟୁରିଟି ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍-୮(୧)} (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଆନ୍ଧ୍ର ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଆନ୍ଧ୍ର ବ୍ୟାଙ୍କ ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ଅର୍ଥ ରାଶି କଥିତ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତି ଗୁଡ଼ିକୁ ଦଖଲ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**
ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଉଲ୍ଲେଖିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ନିମନ୍ତେ **ଆନ୍ଧ୍ର ବ୍ୟାଙ୍କ, କୋର୍ଟପେଟା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ନୋଟିସ୍‌ର ବିବରଣୀ, ଋଣଗ୍ରହୀତା ଏବଂ ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ**

| କୋର୍ଟପେଟା ଶାଖା / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ଦାବୀ କରାଯାଇଥିବା ରାଶି (ଆଦାୟ ହେବାକୁ ଥିବା ପରବର୍ତ୍ତୀ ସୁଧ) | ସମ୍ପତ୍ତି ଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ମା ମଙ୍ଗଳା ସିମେଣ୍ଟ ୱାର୍କ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଗୋପାଙ୍ଗନା ପାଢ଼ୀ,** ନାଇଡୁପାଲ୍ଲି ରୋଡ୍, ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, **୨) ଶ୍ରୀମତୀ ଗୋପାଙ୍ଗନା ପାଢ଼ୀ,** ନିଉ ବାରାକ୍ସ ଷ୍ଟ୍ରିଟ୍, ଜ୍ୟୋତି ରେସିଡେନ୍ସି ନିକଟ, ଓଲ୍ଡ ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ / **କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀ ଜଗଦୀଶ ପାଢ଼ୀ,** ପିତା: ଶ୍ରୀ ଲକ୍ଷ୍ମୀ ନାରାୟଣ ପାଢ଼ୀ, ନିଉ ବାରାକ୍ସ ଷ୍ଟ୍ରିଟ୍, ଜ୍ୟୋତି ରେସିଡେନ୍ସି ନିକଟ, ଓଲ୍ଡ ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ | ୦୬.୦୬.୨୦୧୮/ ୦୩.୧୧.୨୦୧୮ | ୦୬.୦୬.୨୦୧୮ ସୁଦ୍ଧା ଟ.୭୭,୮୨,୨୧୭/- | **କ) ଶ୍ରୀ ଜଗଦୀଶ ପାଢ଼ୀ (ସମ୍ପତ୍ତି ମାଲିକ),** ପିତା: ଶ୍ରୀ ଲକ୍ଷ୍ମୀ ନାରାୟଣ ପାଢ଼ୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୬୭୬, ୪୭୦୫, ୪୭୦୪ ଏବଂ ୪୭୦୭, ଖାତା ନଂ.: ୧୬୨୨/୨୧୫୩,୧୬୨୨/୧୯୩୩,୧୬୨୨/୧୯୩୫ ଏବଂ ୧୬୨୨/୨୧୪୧, ପରିମିତ କ୍ଷେତ୍ର: ଏକର୧.୬୩୭ଡିସିମିଲି କିମ୍ବା ୭୧,୩୦୮ବର୍ଗଫୁଟ, ରେଭିନ୍ୟୁ ମୌଜା: ଭାଟକୁମରଡା, ନାଇଡୁପାଲ୍ଲି ରୋଡ୍, ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଏହାର ଚରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୬୫୫୬, ପଶ୍ଚିମ: ପ୍ଲଟ୍ ନଂ.: ୪୭୦୬, ଉତ୍ତର: ପ୍ଲଟ୍ ନଂ.: ୪୭୦୨, ଦକ୍ଷିଣ: ପାହାଡ଼, **ଖ) ଶ୍ରୀ ଜଗଦୀଶ ପାଢ଼ୀ (ସମ୍ପତ୍ତି ମାଲିକ),** ପିତା: ଶ୍ରୀ ଲକ୍ଷ୍ମୀ ନାରାୟଣ ପାଢ଼ୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୭୦୨, ୪୭୦୦ ଏବଂ ୪୭୦୬, ଖାତା ନଂ.: ୧୬୨୨/୧୯୯ ଏବଂ ୧୬୨୨/୧୯୩୪, ପରିମିତ କ୍ଷେତ୍ର: ଏକର୧.୭୨୧ଡିସିମିଲି କିମ୍ବା ୭୪,୯୬୬ବର୍ଗଫୁଟ, ରେଭିନ୍ୟୁ ମୌଜା: ଭାଟକୁମରଡା, ନାଇଡୁପାଲ୍ଲି ରୋଡ୍, ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଏହାର ଚରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୪୭୦୫, ୪୭୦୪, ୮୫୫୬, ୫୫୮୨, ପଶ୍ଚିମ: ପ୍ଲଟ୍ ନଂ.: ୪୭୦୭, ୪୭୦୮, ୪୭୦୯, ୪୭୧୦, ଉତ୍ତର: ରାସ୍ତା, ଦକ୍ଷିଣ: ପାହାଡ଼ |

**ସ୍ଥାନ : ବ୍ରହ୍ମପୁର, ତାରିଖ: ୦୯.୧୧.୨୦୧୮** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଏବଂ ମୁଖ୍ୟ ପ୍ରବନ୍ଧକ, ଆନ୍ଧ୍ର ବ୍ୟାଙ୍କ